କେନ୍ଦୁଝର: ବନ୍ୟାବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ

କେନ୍ଦୁଝର,୧୯.୦୬. ବନ୍ୟାବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କିତ ଜିଲ୍ଲାସ୍ତରୀୟ ବାର୍ଷିକ ମକ୍‌ଡ୍ରିଲ୍ ଚଳିତ ଜୁନ୍ ୧୯ ତାରିଖ ଶୁକ୍ରବାର ଦିନ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ମକ୍‌ଡ୍ରିଲ୍‌କୁ ଶୁଭାରମ୍ଭ କରିଥିଲେ । ଏକ ବାର୍ତ୍ତାରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆବଶ୍ୟକୀୟ କୌଶଳ ସମ୍ପର୍କରେ ସଚେତନ ହେଲେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ପ୍ରଶମନ ହୋଇପାରିବ ଏବଂ ଧନଜୀବନକୁ ସୁରକ୍ଷା ଦେଇ ହେବ । ସହକାରୀ ଅଗ୍ନିଶମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅଗ୍ନିଶମ ବିଭାଗ ତରଫରୁ କିପରି ପଦକ୍ଷେପ ନିଆଯାଇଥାଏ ସେ ସମ୍ପର୍କରେ ଅବଗତ କରାଇଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆପତକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରୀମତୀ ସୁରଂଜିକା ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଜୀବ ବାରିକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲା ରେଡ୍‌କ୍ରସ୍ ଶାଖାର ଯୁଗ୍ମ ସମ୍ପାଦକ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ମାଷ୍ଟର ଟ୍ରେନର୍ ଏ.ଆର୍ ଖାନ୍ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ, ଆସ୍କା ଲାଇଟ୍‌ର ବ୍ୟବହାର, ହାଇଡ୍ରୋଲିକ୍ ଯନ୍ତ୍ର ଦ୍ୱାରା ରାସ୍ତାକୁ ଗମନାଗମନ ଉପଯୋଗୀ କରିବା, ପାୱାର ବୋଟ୍ ଓ ଜୀବନ ରକ୍ଷାକାରୀ ଜ୍ୟାକେଟ୍‌ର ବ୍ୟବହାର ସମ୍ପର୍କରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ଏତଦ୍‌ବ୍ୟତୀତ କରୋନା ଭାଇରସ୍ ମହାମାରୀ ସମୟରେ କିପରି ସାନିଟାଇଜ୍ କରାଯାଉଛି ସେ ସମ୍ପର୍କରେ ନମୁନା ପ୍ରଦର୍ଶନ କରାଯାଇଥିଲା ।

ସ୍ୱା/-୧୯.୦୬.୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର